ଗ୍ରାମୀଣ କୃଷି ମୌଷମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩


**ସପ୍ତାହ ସଂଖ୍ୟା -୧୧**


Deepanjali Dugal,
Jr. Agrometeorologist


ବୁଲେଟିନ ନମ୍ବର :୨୧
ତାରିଖ : ୧୨.୦୩.୨୦୨୪
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୬.୦୩.୨୦୨୪ ରୁ ୧୨.୦୩.୨୦୨୪)

| | |
|---|---|
| ବୃଷ୍ଟିପାତ (ମି.ମି.) | ୧୭.୫ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୯.୮-୩୭.୪ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୮.୮-୨୪.୭ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୭ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 13-03-2024 | 0 | 37 | 23 | 0 | 88 | 19 | 9 | 146 |
| 14-03-2024 | 0 | 37 | 23 | 0 | 77 | 14 | 12 | 161 |
| 15-03-2024 | 0 | 35 | 24 | 4 | 82 | 15 | 9 | 75 |
| 16-03-2024 | 0 | 33 | 24 | 8 | 96 | 22 | 11 | 116 |
| 17-03-2024 | 15 | 32 | 22 | 8 | 86 | 27 | 12 | 158 |

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ଓ ଏହା ପରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି । ଆକାଶ ପରିଷ୍କାର ରୁ ମେଘାଚ୍ଛନ୍ନ ରହିବ । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୯-୧୨ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୨°c-୩୭°c ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୨°c-୨୪°c ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୭ ରୁ ୯୬ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୪ ରୁ ୨୭ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ଆଗରୁ ବର୍ଷା ହେବାର ସମ୍ଭାବନା ଥିବାରୁ ଫସଲରେ ଜଳ ସେଚନ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।
- ମାଟିର ଆର୍ଦ୍ରତାକୁ ବିନିଯୋଗ କରି ଖରାଟିଆ କଖାରୁ ଜାତୀୟ ପନିପରିବା ବୁଣାବୁଣି ଆରମ୍ଭ କରନ୍ତୁ ।

**ଧାନ:**

ଜୀବାଣୁଜନିତ ପତ୍ରପୋଡା ରୋଗ-

ଜୀବାଣୁଜନିତ ପତ୍ରପୋଡା ରୋଗ ଦେଖାଦେଲେ ପ୍ରଥମେ ଆକ୍ରାନ୍ତ ଧାନ କିଆରି ରେ ପାଣି ଜମି ରହୁଥିଲେ ପାଣି କାଟି ଦିଅନ୍ତୁ। ବିଲ ରୁ ଅନାବନା ଘାସ ବାଛି ଦିଅନ୍ତୁ। ରୋଗ ଲାଗିଥିବା ସମୟ ରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ । ଏକର ପ୍ରତି ୬-୮ କିଲୋଗ୍ରାମ ମୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Copper Hydroxide ନାମକ ଔଷଧ କିମ୍ବା ୨୦୦ଗ୍ରାମ Plantomycin ସହିତ ୬୦୦ଗ୍ରାମ Copper Oxy Chloride ନାମକ ଔଷଧ, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ମହିଷା ରୋଗ -

ଧାନ ଫସଲରେ ମହିଷା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦ ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ଆଖୁ:**

ଆଖୁ ବିହନ ଲଗେଇବାର ୪୫ ଓ ୭୫ ଦିନ ବେଳକୁ ଏକର ପ୍ରତି ୬୦-କିଲୋଗ୍ରାମ ହିସାବରେ ୟୁରିୟା ସାର ପ୍ରୟୋଗ କରନ୍ତୁ। ବିହନ ଲଗେଇବାର ୧୦୫ ଦିନ ବେଳକୁ ଆଉ ଥରେ ଏକର ପ୍ରତି ୬୦- କିଲୋଗ୍ରାମ ୟୁରିୟା ସାର ସହିତ ୨୦- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରନ୍ତୁ। ଆଖୁ ଲଗେଇବାର ୧୨୦-ଦିନ ପରେ ଯବକ୍ଷାରଯାନ ଜାତୀୟ ସାର ପ୍ରୟୋଗ କରନ୍ତୁ ନାହିଁ ନଚେତ ଅମଳ ବିଳମ୍ବ ହେବା ସହିତ ଶର୍କରା ଅଂଶ କମିଯାଏ ଏବଂ ଅମଳ ହ୍ରାସ ପାଇଥାଏ।

**କଦଳୀ:**

କଦଳୀ ରେ ପତ୍ରଦାଗ ବା ସିଗାଟୋକା ରୋଗ ର ପରିଚାଳନା ପାଇଁ ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩୦ ଗ୍ରାମ chlorothalonil ନାମକ ଫିମ୍ପିନାଶକ, ମିଶାଇ ଗଛ ଲଗାଇବାର ୪ ମାସ ପରେ ୧ ମାସ ଅନ୍ତରରେ ଦୁଇ ରୁ ତିନି ଥର ସିଂଚନ କରନ୍ତୁ ।

**ଲଙ୍କାମରିଚ:**
ଲଙ୍କାମରିଚ ଫସଲ ରେ ବର୍ତ୍ତମାନ ସମୟ ରେ ଫଳ ସଢା ରୋଗ ଓ ଅଗମରା ରୋଗ ଲାଗିବାର ସମ୍ଭାବନା ରହିଛି। ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ନାମକ ଫିମ୍ପିନାଶକ ୧୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିମ୍ପିନାଶକ କୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ।

**ଭେଣ୍ଡି:**
ବର୍ତ୍ତମାନ ସମୟରେ ଭେଣ୍ଡି ଫସଲ ରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ , ପତ୍ର ଡିଆଁ ପୋକ , ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ଅଛି। ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନକି ଉପାୟରେ ଏହି କୀଟ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Tolfenpyrad ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ପୋଟଳ:**
ପୋଟଳ ଗଛ ବର୍ତ୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥା ରେ । ବର୍ତ୍ତମାନ ଘାସ କୁ ବାଛନ୍ତୁ ନାହିଁ । ଘାସ ରହିଲେ ତାହା ମାଟି ର ଆର୍ଦ୍ରତା ବଜାୟ ରଖିଥାଏ ଏବଂ ପୋଟଳ ଲତା କୁ ତାହା (ଘାସ) ଉପରେ ମାଡିବା ପାଇଁ ସାହାର୍ଯ୍ୟ କରିଥାଏ, ଯାହାଦ୍ୱାରା ଫଳ ସିଧାସଳଖ ମାଟି ର ସଂସ୍ପର୍ଶ ରେ ଆସେନାହିଁ, ଯାହାକି ଫଳକୁ ସଢିବା ରୁ ରକ୍ଷା କରିଥାଏ । ଅଧିକ ତାପମାତ୍ରା ଯୋଗୁଁ ପୋଟଳ ରେ କବକ ଜନିତ ଝାଉଁଳା ହେବା ର ସମ୍ଭାବନା ଅଛି । ତେଣୁ Carbendazim @୧.୫ ମିଲି ୧ ଲିଟର ପଣି ରେ ମିଶାଇ ସ୍ପ୍ରେ କରନ୍ତୁ ।

**କୁକୁଡା ଓ ବତକ :**
ବସନ୍ତ ରୋଗ ପର୍ଯ୍ୟାୟ ଟୀକାକରଣ ଏବଂ ଘର ଓ ପରବେଶ ସଫା ସୁତୁରା ରଖିବା ଦ୍ୱାରା ରୋକାଯାଇପାରିବ । କ୍ଷତ ଓ କୀଟ ମାନଙ୍କ କାମୁଡା ଦ୍ୱାରା ଏହି ରୋଗ ଗୋଟେ ପକ୍ଷୀ ରୁ ଅନ୍ୟଟି କୁ ବ୍ୟାପିଥାଏ । ଏହି ରୋଗ କାରଣ ରୁ ୫୦ ପ୍ରତିଶତ ଲେଖାଏଁ ଚିଆଁ ମାନେ ମୃତ୍ୟୁ ବରଣ କରିଥାନ୍ତି । ଏହି ରୋଗ କାରଣ ରୁ ଓଜନ ବୃଦ୍ଧି ହାର କମିବା ସହିତ ଅଣ୍ଡା ଦେବା ମାତ୍ରା ମଧ ହ୍ରାସ ପାଇଥାଏ। ତେଣୁ ଆପଣଙ୍କର ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଙ୍କ ସହିତ ପରାମର୍ଶ କରିବା ପରେ ୬ ସପ୍ତାହ ରୁ ୧୭ ସପ୍ତାହ ବୟସ ରେ କୁକୁଡ଼ା ଓ ବତକ ଙ୍କୁ ଟୀକା ଦିଅନ୍ତୁ । ଆକ୍ରାନ୍ତିତ କୁକୁଡା ଓ ବତକ ଙ୍କ ମୁଣ୍ଡ, ବେକ ଓ ଦେହ ରେ ଫଟକା ଦେଖାଯାଏ । ଏ ଲକ୍ଷଣ ଦେଖା ଦେଲେ ଆକ୍ରାନ୍ତିତ ପକ୍ଷୀ ଙ୍କୁ ଅଲଗା ରଖନ୍ତୁ, ସ୍ଥାନୀୟ ପ୍ରାଣୀଚିକିତ୍ସକ ଙ୍କ ସହିତ ପରାମର୍ଶ କରି ତୁରନ୍ତ ଚିକିତ୍ସା ଆରମ୍ଭ କରିଦିଅନ୍ତୁ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**